# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**11th April - 2025**

***********************************

*Desk, Boudh, Cuttack/R*

## ଆୟୁଷ୍ମାନ ଭାରତ

ରାଜ୍ୟରେ ଆଜିଠାରୁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ - ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା ଆରମ୍ଭ ହେବ । କଟକ ବାଲିଯାତ୍ରା ପଡ଼ିଆରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ଏହି ଯୋଜନାର ଶୁଭାରମ୍ଭ କରିବେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ କନକ ବର୍ଦ୍ଧନ ସିଂହଦେଓ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ ।

ସୂଚନା ଅନୁଯାୟୀ, ରାଜ୍ୟର ୧ କୋଟି ୩ ଲକ୍ଷ ପରିବାରର ୩ କୋଟି ୫୦ ଲକ୍ଷ ସଦସ୍ୟ ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନାରେ ଉପକୃତ ହେବାକୁ ଥିବାବେଳେ ବୟୋ ବନ୍ଦନା ଯୋଜନାରେ ୭୦ ବର୍ଷ ବୟସରୁ ଅଧିକ ୨୩ ଲକ୍ଷ ୧୩ ହଜାରରୁ ଅଧିକ ହିତାଧିକାରୀ ଉପକୃତ ହେବେ । ଦେଶର ୨୯ ହଜାରରୁ ଅଧିକ ଡାକ୍ତରଖାନାରେ ହିତାଧିକାରୀମାନଙ୍କୁ ଏହି ଯୋଜନା ଅଧୀନରେ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ । ୧୩ଟି ଜିଲ୍ଲାରେ ରାଜ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟମାନେ ଆୟୁଷ୍ମାନ ଭାରତ ଯୋଜନାର

ଶୁଭାରମ୍ଭ କରିବେ । କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ନଡ୍ଡା ମଧ୍ୟ କଟକସ୍ଥିତ ଶିଶୁଭବନର ନୂତନ କୋଠାକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି ।

***Desk***

## ଖାଉଟି କେନ୍ଦ୍ର – ଡିସ୍‌ପ୍ଲେ ବୋର୍ଡ଼

ରାଜ୍ୟର ସମସ୍ତ ସୁଲଭ ଖାଉଟି କେନ୍ଦ୍ରରେ ଡିସ୍‌ପ୍ଲେ ବୋର୍ଡ଼ ଲଗାଯିବ । ସେଥିରେ ଜିଲ୍ଲା ଅଭିଯୋଗ ସମାଧାନ ଅଧିକାରୀଙ୍କ ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରାଯିବ । କୌଣସି ଖାଉଟିଙ୍କ କିଛି ଅଭିଯୋଗ ଥିଲେ ସମ୍ପୃକ୍ତ ଅଧିକାରୀଙ୍କଠାରେ ଅଭିଯୋଗ କରାଯାଇପାରିବ ବୋଲି ରାଜ୍ୟ ସରକାର ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି । ଏ ସମ୍ପର୍କିତ ହାଇକୋର୍ଟରେ ଆଗତ ଏକ ମାମଲାର ଶୁଣାଣି କରି ହାଇକୋର୍ଟ ରାଜ୍ୟ ସରକାରଙ୍କଠାରୁ ରିପୋର୍ଟ ତଲବ କରିଥିଲେ ।

***Desk***

## ଅମୃତ ଷ୍ଟେସନ

ଅମୃତ ଷ୍ଟେସନ ଯୋଜନାରେ ରାଜ୍ୟର ୬ଟି ରେଳ ଷ୍ଟେସନ୍ ଅନୁଗଳ, ତାଳଚେର, ଚାଳଚେର ରୋଡ୍, ମେରାମୁଣ୍ଡଳି, ଢେଙ୍କାନାଳ ଓ ରେଢ଼ାଖୋଲର ପୁନଃବିକାଶ କାର୍ଯ୍ୟ କରାଯାଉଛି । ଅନୁଗୁଳ ଷ୍ଟେସନ ପାଇଁ ୨୫ କୋଟି ୪୧ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିବାବେଳେ ତାଳଚେର

ରୋଡ୍ ଷ୍ଟେସନ୍ ପାଇଁ ୧୮ କୋଟି ୮୫ ଲକ୍ଷ, ତାଳଚେର ଷ୍ଟେସନ୍ ପାଇଁ ୧୨ କୋଟି ୯୭ ଲକ୍ଷ, ମେରାମୁଣ୍ଡଳିପାଇଁ ୨୧ କୋଟି ୯୯ ଲକ୍ଷ, ଢେଙ୍କାନାଳ ପାଇଁ ୨୬ କୋଟି ୧୧ ଲକ୍ଷ ଓ ରେଢ଼ାଖୋଲ ଷ୍ଟେସନପାଇଁ ୨୬ କୋଟି ୯୩ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି । ଏଥିରେ ଉନ୍ନତ ସଂଯୋଗୀକରଣ ସହ ସ୍ଥାୟୀ ପରିବହନ ବ୍ୟବସ୍ଥା କରାଯାଉଛି ।

***IPR***

## ପାମ୍ ଅଏଲ୍ - ବୁଝାମଣାପତ୍ର

ରାଜ୍ୟରେ ବୃହତ୍ ପାମ୍ ଅଏଲ୍ କ୍ଷେତ୍ର ପ୍ରସ୍ତୁତି ପାଇଁ ୩ଟି ତୈଳ ପାମ୍ କମ୍ପାନୀ ଓ ୪ଟି ଜିଲ୍ଲା ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି, ଏହି ବୁଝାମଣାପତ୍ର ରାଜ୍ୟରେ ପାମ୍ ଅଏଲ୍ ଚାଷ କ୍ଷେତ୍ରକୁ ବୃଦ୍ଧି କରିବ । ଫଳରେ ରାଜ୍ୟରେ ଖାଇବା ତେଲ ଉତ୍ପାଦନ ବୃଦ୍ଧି ପାଇବ । ସୂଚନା ଅନୁଯାୟୀ, ଅନୁଗୁଳ, ଢେଙ୍କାନାଳ, ଯାଜପୁର ଓ କଟକ ଜିଲ୍ଲାପାଇଁ ୩ଟି ପାମ୍ ଅଏଲ୍ କମ୍ପାନୀ ସହ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି ।

***Angul, Bhadrak/R***

## ପ୍ଲାଟିନମ୍ ଜୟନ୍ତୀ

ଶିକ୍ଷାର ମୂଲ୍ୟ ବୃଦ୍ଧି କରି ଦେଶର ବିକାଶ କ୍ଷେତ୍ରରେ ଛାତ୍ରଛାତ୍ରୀମାନେ ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ

କହିଛନ୍ତି । ଗତକାଲି ଅନୁଗୁଳସ୍ଥିତ ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ପ୍ଲାଟିନମ୍ ଜୟନ୍ତୀ ଉତ୍ସବରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ସୂରଯ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ନିରାଡମ୍ବର ଜୀବନ ଆଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ । ସେ କହିଥିଲେ :

***Voice*** :........

ଅନ୍ୟପକ୍ଷରେ ମନ୍ତ୍ରୀ ଶ୍ରୀ ସୂରଯ ଭଦ୍ରକ ଜିଲ୍ଲା ଧାମନଗର ପି.ଏମ୍.ଶ୍ରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୋଗ ଦେଇଥିଲେ ।

***Desk***

# ଡେଣ୍ଟାଲ୍ ସର୍ଜନ

ରାଜ୍ୟର ସରକାରୀ ଡାକ୍ତରଖାନାଗୁଡ଼ିକରେ ୧୨୬ଟି ସ୍ଥାୟୀ ଡେଣ୍ଟାଲ୍ ସର୍ଜନ ଡାକ୍ତରଙ୍କୁ ନିଯୁକ୍ତି ଦିଆଯିବ । ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏଥିଲାଗି ଓଡ଼ିଶା ଲୋକସେବା ଆୟୋଗଙ୍କୁ ଅବଗତ କରାଯାଇଛି । ୧୨୬ଟି ପଦବି ମଧ୍ୟରୁ ସାଧାରଣ ବର୍ଗଙ୍କପାଇଁ ୧୨ଟି, ଏସ୍.ଇ.ବି.ସି. ବର୍ଗରେ ୮, ଅନୁସୂଚିତ ଜାତି ବର୍ଗରେ ୨୨ ଓ ଜନଜାତି ବର୍ଗରେ ୮୪ଟି ପଦବୀ ପୂରଣ କରାଯିବ ବୋଲି ଜଣାପଡ଼ିଛି ।

*Desk*

# ସ୍ୱାୟତ୍ତ ଶାସନ

ସହରାଞ୍ଚଳରେ ସ୍ୱୟତ୍ତ ଶାସନ ସଂସ୍ଥାଗୁଡ଼ିକ ପକ୍ଷରୁ ଜନସେବାକୁ ଅଧିକ ପ୍ରଭାବୀ ଢଙ୍ଗରେ କାର୍ଯ୍ୟକାରୀ କରିବା ଲାଗି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ ପରାମର୍ଶ ଦେଇଛନ୍ତି । ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଶ୍ରୀମତୀ ପାଢ଼ୀ ଦ୍ୱିତୀୟ ପର୍ଯ୍ୟାୟ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ଅଟଳ ମିଶନ ଯୋଜନାର ସମୀକ୍ଷା କରି ଗ୍ରୀଷ୍ମପ୍ରବାହର ମୁକାବିଲା ନିମନ୍ତେ ପରାମର୍ଶ ଦେଇଛନ୍ତି ।

*Puri/R*

# ଦୟଣା ନୀତି

ପୁରୀ ଶ୍ରୀମନ୍ଦିରରେ ଆଜି ଦୟଣା ଲାଗି ନୀତି ଅନୁଷ୍ଠିତ ହେବ । ପରମ୍ପରା ଅନୁଯାୟୀ ଗତକାଲି ଚୈତ୍ର ଶୁକ୍ଲପକ୍ଷ ତ୍ରୟୋଦଶୀ ତିଥିରେ ଦୟଣା ଚୋରି ନୀତି ଅନୁଷ୍ଠିତ ହୋଇଥିଲା । ଆଜି ସକାଳ ଧୂପ ନୀତି ପରେ ଶ୍ରୀମନ୍ଦିର ବେଢ଼ା ପରିକ୍ରମା କରାଯାଇ ବିଧି ଅନୁଯାୟୀ ଚତୁର୍ଦ୍ଦଶୀ ତିଥିରେ ଶ୍ରୀଜିଉଙ୍କୁ ଦୟଣା ଲାଗି କରାଯିବ । ଏହାକୁ ଦେଖିବା ଲାଗି ଶ୍ରୀକ୍ଷେତ୍ରରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି ।

*****